ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ

# ଓଡ଼ିଶାରେ ଏଲଇଡି ଲାଇଟ୍ କାରଖାନା କରିବ ତାଇଓ୍ୱାନ କମ୍ପାନୀ

## ଇନଭେଷ୍ଟ ଭୁବନେଶ୍ୱର ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,(ସବ୍ୟୁ) : ତାଇଓ୍ୱାନ ସ୍ଥିତ ନ୍ୟୁଲାଇଟ୍ କର୍ପୋରେସନ ଓଡ଼ିଶାରେ ଏକ ଏଲଇଡି ଲାଇଟିଂ କାରଖାନା ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି । ଏଠାରେ ଅନୁଷ୍ଠିତ ଇନଭେଷ୍ଟ ଭୁବନେଶ୍ୱର ସମ୍ମିଳନୀର ଶେଷଦିନରେ ଯୋଗ ଦେଇ କମ୍ପାନିର ଅଧ୍ୟକ୍ଷ ଏସ୍.ଏସ୍.ଲିନ ଏସଂପର୍କରେ ସୂଚନା ଦେଇଛନ୍ତି ।

ଓଡ଼ିଶାରେ ହେବାକୁଥିବା ଏଲଇଡି ଷ୍ଟ୍ରିଟଲାଇଟ୍ ଓ ଘରୋଇଲାଇଟ୍ କାରଖାନା ପାଇଁ କମ୍ପାନି ପ୍ରଥମ ପର୍ଯ୍ୟାୟରେ ୧୦ରୁ ୨୦ ନିୟୁତ ଡଲାର ନିବେଶ କରିବ । ପରେ ଏହିପରିମାଣକୁ ୧୦୦ ନିୟୁତ ଟନକୁ ବୃଦ୍ଧି କରାଯିବ । କମ୍ପାନି ଏହି ପ୍ରକଳ୍ପ ପ୍ରବାସୀଭାରତୀୟ ଭେଞ୍ଚର କ୍ୟାପିଟାଲିଷ୍ଟ ଚନ୍ଦ୍ର ରେଡ୍ଡୀଙ୍କ ସହ ଯୁଗ୍ମଉଦ୍ୟୋଗରେ ପ୍ରତିଷ୍ଠା କରିବ । କମ୍ପାନି ପକ୍ଷରୁ ପ୍ରସ୍ତୁତ ଏଲଇଡି ଲାଇଟ୍ ଗୁଡିକ ସାଧାରଣ ଲାଇଟ୍ ଠାରୁ ପ୍ରାୟ ୮୦ ପ୍ରତିଶତ କମ୍ ଶକ୍ତି ବ୍ୟୟ କରିବ ବୋଲି ସେ ସୂଚନା ଦେଇଛନ୍ତି । ନ୍ୟୁଲାଇଟ୍ ର ନିର୍ଦ୍ଦେଶକ ଡେଭିଡ୍ ଲିନ୍ କହିଛନ୍ତି ଯେ ଓଡ଼ିଶାରେ କେତେକ ଗ୍ରୀନବିଲଡିଂ ଓ ଗ୍ରୀନଇନଫ୍ରାଷ୍ଟ୍ରକଚର କ୍ଷେତ୍ରରେ କେତେକ ପ୍ରକଳ୍ପ କରିବାକୁ ଯୋଜନା କରାଯାଉଛି ।

ଅନ୍ୟପକ୍ଷରେ ରକ୍ଷବ ସିପ ଇଣ୍ଟରନାସନାଲ ପୁରୀରୁ କୋଲକତା ମଧ୍ୟରେ ଏକ କ୍ରୁଜ ଜାହଜ ଚଳାଇବାକୁ ରାଜ୍ୟ ସରକାରଙ୍କ ସହ କଥାବାର୍ତ୍ତା ଚଳାଇଛି ବୋଲି କମ୍ପାନିର ଅଧ୍ୟକ୍ଷ ରଶ୍ମିକାନ୍ତ କାମଦାର କହିଛନ୍ତି । ଏକ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଖୋଲିବାକୁ ସିଭି ରମଣ କଲେଜ ବେଷ୍ଟ ଓ୍ୱେଷ୍ଟର୍ଣ୍ଣ ଗ୍ରୁପ ସହ ଚୁକ୍ତି କରିଛି । ଇନଭେଷ୍ଟ ଭୁବନେଶ୍ୱର ସମ୍ମିଳନୀ ଅବସରରେ ଓଡ଼ିଆ ଶିଳ୍ପଦ୍ୟୋଗୀ ଓ ଅନ୍ତର୍ଜାତୀୟ କମ୍ପାନିମାନଙ୍କ ମଧ୍ୟରେ ପ୍ରାୟ ୧୨ଟି ଚୁକ୍ତି ହୋଇଛି ବୋଲି ସହ-ଆବାହକ ପୂର୍ଣ୍ଣ ମହାନ୍ତି କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାର ଏକ ଆଇଟି, ସେମିକଣ୍ଡକ୍ଟର ଓ ଏମ୍ବେଡେଡ୍ ଟେକନଲୋଜୀ ନୀତି ପ୍ରସ୍ତୁତ କରିବାପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିବେ । ଏଥିରେ ସରକାର ଓ ଶିଳ୍ପ ଜଗତର ପ୍ରତିନିଧିମାନେ ସଦସ୍ୟ ରହିବେ । ଏଥିଲାଗି ମୁଖ୍ୟଶାସନ ସଚିବ ଓ ଆଇଟି ସଚିବଙ୍କ ସହ ଆଲୋଚନା ହେଉଛି ବୋଲି ସେ କହିଛନ୍ତି ।




ଏସ୍.ଏସ୍. ଲିନ, ଚନ୍ଦ୍ର ରେଡ୍ଡୀ ଓ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଦେବୀ ମିଶ୍ର

Publication:The Samaya
Headline:Taiwan Company will open LED light factory in Orossa
Page:11
Date:21/12/10